# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**21st September – 2025**

**News Editor : Itishree Singh Rathaur**

*************************************

## ମୁଖ୍ୟ ସମ୍ବାଦ

- ଭାରତର ସମୃଦ୍ଧିକୁ ସ୍ୱଦେଶୀ ମନ୍ତ୍ରରୁ ଶକ୍ତି ମିଳିବ; ଦେଶବାସୀଙ୍କୁ ସମ୍ବୋଧିତ କରି କହିଲେ ପ୍ରଧାନମନ୍ତ୍ରୀ

- ଦେଶରେ ଆସନ୍ତାକାଲିଠାରୁ ଲାଗୁ ହେବ ପରବର୍ତ୍ତୀ ପିଢ଼ି ଦ୍ରବ୍ୟ ଓ ସେବାକର ସଂସ୍କାର

- ନିଶାମୁକ୍ତ ଭାରତ ଗଠନ ସଂକଳ୍ପକୁ ଯୁବପିଢ଼ି ପୂରଣ କରିବେ; କହିଲେ ମୁଖ୍ୟମନ୍ତ୍ରୀ

— ରାଜ୍ୟର ବିଭିନ୍ନ ସ୍ଥାନରେ ନିଶାମୁକ୍ତ ଭାରତ ଅଭିଯାନରେ ଗଣଦୌଡ଼ ଅନୁଷ୍ଠିତ

ଏବଂ

- ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା; ପ୍ରବଳ ବର୍ଷା ହେବା ନେଇ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା

# ପିଏମ୍-ଜିଏସ୍‌ଟି

ଭାରତର ସମୃଦ୍ଧିକୁ ସ୍ୱଦେଶୀ ମନ୍ତ୍ରରୁ ଶକ୍ତି ମିଳିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଦେଶରେ ଆସନ୍ତାକାଲି ନବରାତ୍ରର ଶୁଭାରମ୍ଭ ଅବସରରେ ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଲାଗୁ ହେବ। ଏହାର ଅବ୍ୟବହିତ ପୂର୍ବରୁ ଦେଶବାସୀଙ୍କୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ବିକଶିତ ଭାରତ ଲକ୍ଷ୍ୟ ପୂରଣ କରିବାକୁ ହେଲେ ଦେଶକୁ ଆତ୍ମନିର୍ଭର ହେବାକୁ ପଡିବ। ଜିଏସଟି ସଂସ୍କାର ଲାଗୁ ହେବା ଦ୍ୱାରା ଦେଶର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**- V/O -(PM)**

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତକୁ ଯାହା ଆବଶ୍ୟକ, ସ୍ୱଦେଶରେ ପ୍ରସ୍ତୁତ ହେବ ଏବଂ ତାହା ଭାରତରେ ତିଆରି ହେବା ଉଚିତ୍। ସଂସ୍କାର ଏକ ଅନବରତ ପ୍ରକ୍ରିୟା, ଦେଶର ବର୍ତ୍ତମାନ ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଲାଗୁ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**- V/O -(PM)**

ଶ୍ରୀ ମୋଦୀ କହିଛନ୍ତି, ଜିଏସ୍‌ଟି ସଂସ୍କାରରେ ୨ଟି ସ୍ଲାବ ୫ ଓ ୧୮ ପ୍ରତିଶତ ରଖାଯାଇଛି। ଏଥିରେ ୯୯ ପ୍ରତିଶତ ସାମଗ୍ରୀ ୫ ପ୍ରତିଶତ ଟିକସ ପରିସର ମଧ୍ୟକୁ ଆସିଛି। ଯାହା, ସବୁ ବର୍ଗର ଲୋକଙ୍କୁ ସୁଫଳ ପ୍ରଦାନ କରିବ। ନବରାତ୍ରର ପ୍ରଥମ ଦିନର ସୂର୍ଯ୍ୟୋଦୟ ପରବର୍ତ୍ତୀ ପିଢ଼ିର ଜିଏସ୍‌ଟି ସଂସ୍କାରରୁ

ଆରମ୍ଭ ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ ଏହି ପରିପ୍ରେକ୍ଷୀରେ ସଞ୍ଚୟ ଉତ୍ସବ ପାଳନ କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

## ଜିଏସ୍‌ଟି ସଂସ୍କାର-୨.୦

ଦେଶରେ ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଲାଗୁ ହେବା ପରିପ୍ରେକ୍ଷୀରେ **ନୟାଗଡ଼**ରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଗାଁରୁ ସହର ପର୍ଯ୍ୟନ୍ତ ଦେଶର ଗରିବ, ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ବର୍ଗଙ୍କ ଅର୍ଥନୀତିକୁ ବଳ ମିଳିବା ସହ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବାସ୍ତବରେ ଆତ୍ମନିର୍ଭରଶୀଳ ଓ ସ୍ୱଦେଶୀକୁ ଗୁରୁତ୍ୱ ଦିଆଯାଉଥିବା ଏହି ଜିଏସ୍‌ଟି ସଂସ୍କାର ଦ୍ୱାରା ଓଡ଼ିଶା ଭଳି ରାଜ୍ୟର ଇକୋସିଷ୍ଟମ୍ ସୁଦୃଢ଼ ହେବା ସହ ତ୍ୱରାନ୍ୱିତ ହେବ ବୋଲି କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ବିଜେପି ସଭାପତି ତାପସ ରଞ୍ଜନ ମାର୍ଥା ପ୍ରମୁଖ ଯୋଗଦେଇଥିଲେ ।

## ମୁଖ୍ୟମନ୍ତ୍ରୀ-ନୂଆପଡ଼ା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆପଡ଼ା ଜିଲ୍ଲାକୁ ଦିନିକିଆ ଗସ୍ତରେ ଯାଇ ପୂର୍ବତନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢ଼ୋଲକିଆଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିଲେ। ସ୍ୱର୍ଗତ ଢ଼ୋଲକିଆଙ୍କ ନୂଆପଡ଼ା ଜିଲ୍ଲା ତଥା ସମଗ୍ର ରାଜ୍ୟର ବିକାଶ ଓ ପରିବର୍ତ୍ତନରେ ଅମୂଲ୍ୟ ଯୋଗଦାନ ରହିଥିଲା। ଓଡ଼ିଶା ଜଣେ ସୁଦକ୍ଷ ରାଜନେତାଙ୍କୁ ହରାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ସେବା ପର୍ବ - ଗଣଦୌଡ଼

ଯୁବପିଢ଼ି  ନିଶାମୁକ୍ତ ଭାରତ ଗଠନର ସଂକଳ୍ପକୁ ପୂରଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଦେଶବ୍ୟାପୀ ଜାରି ରହିଥିବା ସେବା ପର୍ବ ଅନ୍ତର୍ଗତ ନିଶାମୁକ୍ତ ଭାରତ ଅଭିଯାନରେ  ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆଜି ଅନୁଷ୍ଠିତ ଗଣଦୌଡ଼ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ସହ ଗଣଦୌଡ଼ରେ ସାମିଲ ହୋଇ ଛାତ୍ରଛାତ୍ରୀ, ଖେଳାଳି ଏବଂ ଯୁବବଗଙ୍କୁ ନିଶାମୁକ୍ତ ଭାରତର ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିଶାମୁକ୍ତ ଭାରତ ଗଠନ କରିବା ସହ ଯୁବବର୍ଗର ଶକ୍ତିକୁ ଦେଶ ଗଠନରେ ସମ୍ପୂର୍ଣ୍ଣ ଭାବରେ ଉପଯୋଗ କରିବାକୁ ଆହ୍ୱାନ ଦେଇଥିଲେ ।  କାର୍ଯ୍ୟକ୍ରମରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କ୍ରୀଡା ଓ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ସେବା ପର୍ବ – କୃଷକ ସଶକ୍ତୀକରଣ

### Seba Parba Opening

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବାପର୍ବରେ ଆସନ୍ତୁ ଜାଣିବା କେନ୍ଦ୍ର ସରକାର  କୃଷକମାନଙ୍କ ଆର୍ଥିକ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଗ୍ରହଣ କରିଥିବା ପଦକ୍ଷେପ ସମ୍ପର୍କରେ....

ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଅନ୍ନଦାତାଙ୍କ ପାଇଁ କେନ୍ଦ୍ର ସରକାରଙ୍କ କଲ୍ୟାଣକାରୀ ପଦକ୍ଷେପ ଚାଷୀମାନଙ୍କୁ  ଅନିୟମିତ ଆୟରୁ ନିଶ୍ଚିତ ସମୃଦ୍ଧି ଆଡକୁ ଅଗ୍ରସର କରାଇଛି। ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ.....

## - V/O -(PM)

ସରକାରଙ୍କ ପ୍ରତିବଦ୍ଧତା ବଜେଟ୍ ଆବଣ୍ଟନରେ ପ୍ରତିଫଳିତ ହୋଇଛି। କୃଷି ଏବଂ କୃଷକର ବିକାଶ ପାଇଁ ୨୦୧୩-୧୪ ଆର୍ଥିକବର୍ଷରେ ୨୭ ହଜାର କୋଟି ଟଙ୍କାର ବଜେଟ୍ ରହିଥିଲା। ଚଳିତ ବଜେଟ୍‌ରେ ଚାଷୀମାନଙ୍କ ପାଇଁ ୧ ଲକ୍ଷ ୩୭ ହଜାର କୋଟି ଟଙ୍କାରୁ ଅଧିକ ରହିଛି। ପିଏମ୍ କିଷାନ ଯୋଜନା ମାଧ୍ୟମରେ ୧୧ କୋଟିରୁ ଅଧିକ ଚାଷୀ ସିଧାସଳଖ ସହାୟତା ପାଇଛନ୍ତି। ବିସ୍ତାରିତ କିଷାନ କ୍ରେଡିଟ୍ କାର୍ଡ ସହିତ ଆର୍ଥିକ ସଶକ୍ତୀକରଣକୁ ଆହୁରି ସୁଦୃଢ଼ କରାଯାଇଛି। ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନ' ପାଣିପାଗ ଏବଂ ବଜାର ଅନିଶ୍ଚିତତା ବିରୋଧରେ ଚାଷୀମାନଙ୍କୁ ସୁରକ୍ଷା ପ୍ରଦାନ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଭାରତର ଖାଦ୍ୟ ସୁରକ୍ଷାରୁ କୃଷକଙ୍କ ସମୃଦ୍ଧି ପର୍ଯ୍ୟନ୍ତ ଯାତ୍ରା ସୁରୁଖୁରୁରେ ଚାଲିଛି, ଯାହା, ଅନ୍ନଦାତାଙ୍କ ସ୍ୱପ୍ନକୁ ସମୃଦ୍ଧ କରୁଛି।

ଆକାଶବାଣୀ ଆଂଚଳିକ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

**Seba Parba Closing**

# ମହାଳୟା

ପବିତ୍ର ମହାଳୟା ଅବସରରେ ଆଜି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ, ଶ୍ରାଦ୍ଧ ଓ ପିଣ୍ଡଦାନ କରାଯାଇଛି । ଆଶ୍ୱିନ ପ୍ରତିପଦାଠାରୁ ଆରମ୍ଭ ହୋଇଥିବା ପିତୃପକ୍ଷ ଆଜି ଶେଷ ହୋଇଛି । ପିଣ୍ଡଦାନ ପାଇଁ ପୁରୀ ଶ୍ରୀକ୍ଷେତ୍ରରେ ଆଜି ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ପିତୃପୁରୁଷଙ୍କ ମୋକ୍ଷପ୍ରାପ୍ତି ଏବଂ ନିଜ ପରିବାର କଲ୍ୟାଣ ଉଦ୍ଦେଶ୍ୟରେ ଏହି ପିଣ୍ଡଦାନ ବିଧି ପରମ୍ପରା ବହୁ ପ୍ରାଚୀନ ।

ମହାଳୟା ଅବସରରେ **ସମ୍ବଲପୁର**ର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କର ଆଜି ଧବଳମୁଖୀ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଉଛନ୍ତି । ବର୍ଷତମାମ ସିନ୍ଦୂରବର୍ଣ୍ଣରେ ଦର୍ଶନ ଦେଉଥିବା ମା' ସମଲେଶ୍ୱରୀ ଆଜି ମହାଳୟା ତିଥିରେ ଶ୍ୱେତବର୍ଣ୍ଣରେ ଦର୍ଶନ ଦେଇଥାନ୍ତି । **ଭଦ୍ରକ** ଜିଲ୍ଲା ଆରଡୀର ବାବା ଆଖଣ୍ଡଳମଣି ପୀଠରେ ମା' ଜୟଦୁର୍ଗାଙ୍କ ନାରାୟଣୀ ବେଶ ଅନୁଷ୍ଠିତ ହେବା ସହ ବାବା ମଣିଙ୍କୁ ବଡ଼ସିଂହାର ବେଶରେ ସୁସଜ୍ଜିତ କରାଯାଇଛି । ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି ।

**ଯାଜପୁର**ର ମା' ବିରଜା ପୀଠରେ ଆଜି ମହାଳୟା ଅବସରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା ।

**ବରଗଡ଼** ଜିଲ୍ଲା କଳାପାଣି ପଂଚାୟତର ବୁଦେଲପାଲି ଗ୍ରାମରେ ମହାଳୟା ଅବସରରେ ଅଭିନବ ତର୍ପଣ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି ।

# ଫଟୋଗ୍ରାଫି ପ୍ରତିଯୋଗିତା

**ଢେଙ୍କାନାଳ**ସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାନ-ଆଇଆଇଏମ୍‌ସି ଏବଂ ଉପଖଣ୍ଡସ୍ତରୀୟ ବନବିଭାଗ କାର୍ଯ୍ୟାଳୟ ପକ୍ଷରୁ କପିଳାସ ଏବଂ ସପ୍ତଶଯ୍ୟା ଜଙ୍ଗଲ ପରିସରରେ ପ୍ରକୃତି ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ସୁରକ୍ଷା, ବନ୍ୟଜନ୍ତୁ ସଂରକ୍ଷଣ ଏବଂ ଜୈବବିବିଧତାର ମହତ୍ତ୍ୱ ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ପଦଯାତ୍ରାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏକ ଚିତ୍ରୋତ୍ତଳନ ପ୍ରତିଯୋଗିତାର ମଧ୍ୟ ଆୟୋଜିତ ହୋଇଥିଲା।

## ଯକ୍ଷ୍ମା ଚିହ୍ନଟ ଶିବିର

**ଗଜପତି** ଜିଲ୍ଲା ଗୋଷାଣୀ ବ୍ଲକ୍ ଅନ୍ତର୍ଗତ ଡାକ୍ତରବାଞ୍ଜୋରୀ ଗ୍ରାମରେ ଜିଲ୍ଲା ଯକ୍ଷ୍ମା ନିୟନ୍ତ୍ରଣ ସମିତି ପକ୍ଷରୁ ମମତା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ଯକ୍ଷ୍ମା ଚିହ୍ନଟ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗ୍ରାମର ୬୦ ଜଣଙ୍କର ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା।

## ମେଡ୍‌ଭ୍ୟାନ୍ସ

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାସ୍ଥିତ ସହିଦ୍ ରେଣ୍ଡୋ ମାଝୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ପ୍ରେକ୍ଷାଳୟଠାରେ ଭାରତୀୟ ଭେଷଜ ବିଜ୍ଞାନୀ ସଂଘ ପକ୍ଷରୁ ଏକ ସମ୍ମିଳନୀର ଆୟୋଜନ ହୋଇଯାଇଛି। ରାଜ୍ୟର ବିଭିନ୍ନ ଅଂଚଳରୁ ପ୍ରାୟ ୩୦୦ ରୁ ଅଧିକ ଡାକ୍ତର ଯୋଗ ଏଥିରେ ଯୋଗ ଦେଇଥିଲେ।

## ସେବା ପର୍ବ-ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ନମୋ ଯୁବ ମାରାଥନ ଅନୁଷ୍ଠିତ ହୋଇଯାଇଛି। **ନୟାଗଡ଼** ଜିଲ୍ଲା ଷ୍ଟାଡିୟମ୍‌ଠାରେ  ଅନୁଷ୍ଠିତ ଗଣଦୌଡରେ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।

**ଯାଜପୁର** ଜିଲ୍ଲାରେ ଅନୁଷ୍ଠିତ ଗଣଦୌଡ଼କୁ ଲୋକସଭା ସାଂସଦ ରବିନ୍ଦ୍ର ନାରାୟଣ ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

**ଗଜପତି** ଓ **ଭଦ୍ରକ** ଜିଲ୍ଲାରେ ମଧ୍ୟ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି।

## ପାଣିପାଗ

ଉତ୍ତର ଆଣ୍ଡାମାନ୍ ସାଗର ଏବଂ ପାର୍ଶ୍ୱବର୍ତ୍ତୀ ମିଆଁମାର ଉପକୂଳରେ ସୃଷ୍ଟ ଘୂର୍ଣ୍ଣିବଳୟର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ବଙ୍ଗୋପସାଗର ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ସେପ୍ଟେମ୍ବର ୨୫ ତାରିଖ ବେଳକୁ ପୂର୍ବ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର ବଙ୍ଗୋପ ସାଗର ଅଂଚଳରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା କ୍ରମଶଃ ଉତ୍ତରପଶ୍ଚିମ ଦିଗକୁ ଗତିକରି ୨୬ ତାରିଖ ସୁଦ୍ଧା ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏ ନେଇ ସୂଚନା ମିଳିଛି। ଏହି ସମୟ ମଧ୍ୟରେ  ସମୁଦ୍ର ଅଶାନ୍ତ ରହୁଥିବାରୁ ଆଜିଠାରୁ ୨୫ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ମାଛ ଧରିବାକୁ ଯିବାପାଇଁ ବାରଣ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା

ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।